ଧରିତ୍ରୀ
DHARITRI

September 27-October 3, 2020 ₹ 2/-

ଛୁଟିଦିନ



# ଆଶାର ଆଲୋକ

କ୍ୟାନ୍‌ସର; ଦିଏ ଅସହ୍ୟ ଯନ୍ତ୍ରଣା। ଜୀବନ ମରଣର ଦୋ ଛକିରେ ଧନ୍ଦି ହୁଏ ମଣିଷ। ଭାଙ୍ଗିଯାଏ ମନୋବଳ, ମାଡିବସେ ଅବସାଦର କଳା ଛାଇ। ବେଳେବେଳେ ପିଣ୍ଡରୁ ପ୍ରାଣ ହୋଇଯାଏ ଅଲଗା। କିନ୍ତୁ କେତେଜଣ ଦୁଃସାହସୀ ମଣିଷ କ୍ୟାନ୍‌ସର ଆରମ୍ଭ କରିଥିବା ଯୁଦ୍ଧକୁ ସାହସର ସହ ଲଢନ୍ତି। ତା’ ପଞ୍ଝାରୁ ନିଜକୁ ମୁକୁଳାନ୍ତି। ପୁଣିଥରେ ହସିଉଠେ ଜୀବନ। ଆଉ ସେମାନଙ୍କ ସଂଘର୍ଷର କାହାଣୀ ପାଲଟେ ଆଉ କାହା ପାଇଁ ଆଶାର ଆଲୋକ...

୩
ପ୍ରଚ୍ଛଦ ପ୍ରସଙ୍ଗ



ସିନେମା
୪

# ସୁନିଦ୍ରା ପାଇଁ

ଭଲ ନିଦ ପାଇଁ ଶୋଇବା ଘରର ବାତାବରଣ ଶାନ୍ତ ହେବା ଜରୁରୀ। ଏଠାରେ କୌଣସି ବୈଦ୍ୟୁତିକ ଉପକରଣ ଯେମିତିକି, ଟିଭି, ମୋବାଇଲ ଆଦି ରଖନ୍ତୁ ନାହିଁ। ସୁନିଦ୍ରା ପାଇଁ ଆପଣ କେଉଁ ଦିଗରେ ଶୋଉଛନ୍ତି, ତାହା ମଧ୍ୟ ନିର୍ଭର କରିଥାଏ। ଶୋଇବା ସମୟରେ



ମୁଣ୍ଡ ଦକ୍ଷିଣ ଦିଗକୁ ରହିଲେ ଭଲ। ନଚେତ ପଶ୍ଚିମ ଦିଗକୁ ମୁଣ୍ଡ କରି ବି ଶୋଇପାରିବେ। ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଭଲ ନୁହେଁ। ଚାହିଁଲେ ଦକ୍ଷିଣ-ପଶ୍ଚିମ ଦିଗକୁ ମୁଣ୍ଡ କରି ମଧ୍ୟ ଶୋଇପାରିବେ। ଶୟନକକ୍ଷ ସଫା ରଖିବା ସହ ସବୁ ଜିନିଷ ବ୍ୟବସ୍ଥିତ ହେବା ଦରକାର। ମୁଣ୍ଡ ପଟକୁ ଝରକା ଥିଲେ ଖୋଲିକରି ଶୋଇବେ ନାହିଁ। ନଚେତ ଭଲ ନିଦ ହେବ ନାହିଁ ଓ ଭୟଙ୍କର ସ୍ୱପ୍ନ ଦେଖିବେ। ମୁଖ୍ୟ କବାଟ ସାମ୍ନାରେ ଯେମିତି ବେଡ୍‌ରୁମ୍‌ର ଖଟ ରହୁ ନ ଥିବ। ଏଭଳି ଥିଲେ ବାସ୍ତୁଦୋଷ ଉତ୍ପନ୍ନ ହୁଏ। ଜାଗା କମ୍ ଥିବା ଯୋଗୁ ବେଡ୍‌କୁ ଅନ୍ୟ ସ୍ଥାନକୁ ନେଇ ନ ପାରିଲେ ପରଦା ଲଗାଇ ଏହି ସମସ୍ୟାର ସମାଧାନ କରିପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୭- ଅକ୍ଟୋବର ୩

### ମେଷ


ଆରୋଗ୍ୟଲାଭ, ନୂତନ ଯୋଜନା, ବନ୍ଧୁଙ୍କ ସହାନୁଭୂତି, ବ୍ୟବସାୟରେ ଉନ୍ନତି, ଯାତ୍ରାରେ କଳହ, ଧନହାନୀ, ଯାନାବହନରେ ତ୍ରୁଟି, ଲୋକସମ୍ପର୍କ ବୃଦ୍ଧି, ସଭାସମିତିକୁ ନିମନ୍ତ୍ରଣ, ଭ୍ରାତୃ ସହଯୋଗ, କଳାନୁରାଗ ॥

### ବୃଷ


ପାରିବାରିକ ଶାନ୍ତି, ଆର୍ଥିକ ଉନ୍ନତି, ନୂତନବନ୍ଧୁ ସମ୍ପର୍କ ସୃଷ୍ଟି, ଅଳଙ୍କାର କ୍ରୟ, ପଡୋଶୀଙ୍କ ପ୍ରତାରଣା, ବାଣିଜ୍ୟରେ ସମସ୍ୟା, ଶୁଭଖବର ପ୍ରାପ୍ତି। ସାଂସ୍କୃତିକ କାର୍ଯ୍ୟାରମ୍ଭ, କୁଟୁମ୍ବରେ ପୀଡା, ସାହିତ୍ୟ ଚର୍ଚ୍ଚା ॥

### ମିଥୁନ


ଉଚ୍ଚଚିନ୍ତା, ସାହାଯ୍ୟପ୍ରାପ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ମିତ୍ରଙ୍କ ଉଦାରତା, ସମ୍ପର୍କ ଯୋଡିପାରନ୍ତି, କର୍ମକ୍ଷେତ୍ରରେ ସମ୍ମାନ, ସନ୍ତାନଙ୍କ ବିଶୃଙ୍ଖଳା, ପ୍ରତିଯୋଗୀତାରେ ସଫଳତା, ଯାତ୍ରା ସ୍ଥଗିତ ॥

### କର୍କଟ


ଶୁଭ ଖବର, କର୍ମ ନିଯୁକ୍ତି, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ଅନୁରକ୍ତି, ଅର୍ଥନୈତିକ ଅଭିବୃଦ୍ଧି, ଭୁଲ ବୁଝାମଣା, ପରୋକ୍ଷ ଶତ୍ରୁତା। ଅନ୍ୟମନସ୍କତା, ମନସ୍ତାପ, ଅନିଦ୍ରାଜନିତ ପୀଡା, କଚେରୀ ମାମଲା ॥

### ସିଂହ


ଦୂରଯାତ୍ରା, ପ୍ରିୟଜନ ମିଳନ, କର୍ମକ୍ଷେତ୍ରରେ ସମସ୍ୟା, ପାରିବାରିକ ମତାନ୍ତର, ଶ୍ରମଜନିତ କ୍ଳାନ୍ତି, ଆନୁଷ୍ଠାନିକ ତତ୍ପରତା, ପାରିବାରିକ ସୌଖ୍ୟ, ରୋଗପୀଡା ହ୍ରାସ ॥

### କନ୍ୟା


କାର୍ଯ୍ୟ ସିଦ୍ଧି, କୁଟନୈତିକ ସଫଳତା, ବନ୍ଧୁଙ୍କ ସମାଲୋଚନା, ଟେନସନ୍ ବଢିବ। ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ, ପ୍ରତିବନ୍ଧକ ଦୂର ହେବ, ଆନୁଷ୍ଠାନିକ କାମ, ପରିବହନରେ ଝଗଡା, ଋଣଗ୍ରସ୍ତ ହେବେ ॥

### ତୁଳା


ସମସ୍ୟା ସମାଧାନ, ଆଶାବାଦୀ ହେବେ, ମୂଲ୍ୟବାନ୍ ଦ୍ରବ୍ୟ ଲାଭ। କର୍ମ ପରିସର ବୃଦ୍ଧି, ଲକ୍ଷ୍ୟ ପୂରଣ, ପ୍ରଶାସନିକ ଦ୍ୱନ୍ଦ୍ୱ, ନିର୍ମାଣର ସମାପ୍ତି, ପାରିବାରିକ ଅସହଯୋଗ, ଆଇନ ସହାୟତା, ସଜ୍ଜନ ସମ୍ପର୍କ ॥

### ବିଛା


ଅପୂରଣୀୟ ଅଭିଳାଷ, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ଅର୍ଥ ସମ୍ପଦ ଲାଭ, ଜମିଜମା କାରବାର, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଯାନ୍ତ୍ରିକ ଜିନିଷ ଲାଭ, ଅପ୍ରିୟ ଭାଷଣରୁ ମତାନ୍ତର, ନିଷ୍ପତ୍ତିର ପରିବର୍ତ୍ତନ, ଧର୍ମକାର୍ଯ୍ୟ, ବସ୍ତ୍ରଭୂଷଣଲାଭ ॥

### ଧନୁ


ଲୋକ ସମ୍ପର୍କ ବୃଦ୍ଧି, ଶିଳ୍ପ ବାଣିଜ୍ୟରେ ଉନ୍ନତି, ସନ୍ତାନଙ୍କ ଗୌରବ, ଲେଖାପଢାରେ ରୁଚି, ଗବେଷଣାରେ ଅଗ୍ରଗତି, ବିଶୃଙ୍ଖଳାରୁ କାର୍ଯ୍ୟହାନୀ, ବୈବାହିକ ସମ୍ପର୍କ, ସଙ୍ଗୀତ ଚର୍ଚ୍ଚା, ପରିଜନଙ୍କ କଟୁକ୍ତି, ଅସମର୍ଥିତ ଖବର ॥

### ମକର


ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ କଳହ, ବନ୍ଧୁଙ୍କ ପ୍ରତିଶ୍ରୁତି, ଟେନ୍‌ସନ କମିଯିବ, ଅତିଥି ଚର୍ଚ୍ଚା, ଅପବ୍ୟୟରୁ ମନସ୍ତାପ, ଅର୍ଥସମ୍ମାନ ଲାଭ, ମକଦ୍ଦମାରେ ସଫଳତା, ସାମାଜିକ ସମ୍ମାନ, ବିଦେଶଯାତ୍ରା, ଉପହାର ପ୍ରାପ୍ତି ॥

### କୁମ୍ଭ


ଯାତ୍ରାରେ ସଫଳତା, ବ୍ୟୟ ସଂକୋଚ, ପାରିବାରିକ ପରାମର୍ଶ, ମିତ୍ରବନ୍ଧୁ ଜୁଟିବେ, ନୂତନ କର୍ମାରମ୍ଭ, ଭାତୃପ୍ରୀତି, ଭ୍ରମଣ ସୁଯୋଗ। ବିଜାତୀୟଙ୍କ ବନ୍ଧୁତା, ସରକାରୀ ସହାୟତା, ଶତ୍ରୁନାଶ ॥

### ମୀନ


କାର୍ଯ୍ୟ ବ୍ୟସ୍ତତା, ସାହାଯ୍ୟ ଲୋଡିବେ, ଖଳଜନଙ୍କ କୁତ୍ସାରଟନା, ଆତ୍ମୀୟଙ୍କ ସହାନୁଭୂତି, ରାଜକୀୟ ସମ୍ମାନ, ଦ୍ୱନ୍ଦ୍ୱର ଅବସାନ, ଆଶଙ୍କା ଦୂରହେବ। ପ୍ରକାଶନରେ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ନିମନ୍ତ୍ରଣ, ଯାନ୍ତ୍ରିକ ଜିନିଷ ଲାଭ, ବନ୍ଧନମୁକ୍ତ।

# ଝିଅ ବାହାଘରେ ସାପ ଯୌତୁକ

ଝିଅକୁ ବାହା କରୁଥିବା ବାପା ନିଜ ଖୁସିରେ ଝିଅକୁ ଟଙ୍କାଠୁ ଆରମ୍ଭ କରି ଗାଡି ପର୍ଯ୍ୟନ୍ତ କେତେକଣ ଉପହାରସ୍ୱରୂପ ଭେଟି ଦିଅନ୍ତି। ସମାଜ ଏହାକୁ ଯୌତୁକ ବି କହେ। ତେବେ କେବେ ଶୁଣିଛନ୍ତି କୌଣସି ବାପା ଝିଅକୁ ବାହାଘରେ ଯୌତୁକ ସ୍ୱରୂପ ବିଷଧରସାପ ଦେବା କଥା ? ସେପୁଣି ୨୧ଟି ସାପ। ମଧ୍ୟପ୍ରଦେଶରେ ଏକ ସ୍ୱତନ୍ତ୍ର ଜନଜାତିରେ ଏଭଳି ଚଳଣି ରହିଛି। ଉକ୍ତ ଜନଜାତିର ନାମ ହେଉଛି 'ଗୌରୀୟା'। ଏହି ସମୁଦାୟରେ କନିଆଘର ବରକୁ ୨୧ଟି ବିଷଧର ସାପ ଯୌତୁକଭାବେ ପ୍ରଦାନ କରିଥାନ୍ତି।ଏହି ଜନଜାତିରେ ଉକ୍ତ ପରମ୍ପରା କାହିଁ କେଉଁକାଳରୁ ଚାଲି ଆସୁଛି। ଯଦି ଝିଅ ବାପା ସାପ ଦେଇ ନ ପାରନ୍ତି, ତେବେ ବାହାଘର ଭାଙ୍ଗିଯାଏ। ତେଣୁ ବାହାଘର ଠିକ ହେବା ପରଠାରୁ ଝିଅର ବାପା ବିଷଧର ସାପ ଖୋଜି ଖୋଜି ଧରିବା ଆରମ୍ଭ କରିଦିଅନ୍ତି। ତେବେ ଏଭଳି କରିବା ପଛର କାରଣ ହେଉଛି ଯେ, ଏହି ସମୁଦାୟର ଲୋକଙ୍କ ମୁଖ୍ୟ ପେସା ହେଉଛି ସାପ ଧରିବା। ଆଉ ସାପକୁ ସେମାନେ ଲୋକଙ୍କୁ ଦେଖାଇ ଟଙ୍କା ରୋଜଗାର କରନ୍ତି। ଏହି ଜନଜାତିର ପିଲାମାନେ ବି ବିଷଧର ସାପ ସହ ଖେଳୁଥିବା ଦେଖିବାକୁ



ମିଳନ୍ତି। ଏମାନଙ୍କ ଜୀବନରେ ସାପର ମହତ୍ତ୍ୱ ବହୁତ। ଘରର ସଦସ୍ୟ ଭଳି ଦେଖନ୍ତି ସାପକୁ। ସେଇଥିପାଇଁ ତ ସାପ ଯଦି ମରିଯାଏ ସମସ୍ତେ ମୁଣ୍ଡନ ହେବା ସହ ଭୋଜିଭାତ ବି କରନ୍ତି।

# ପାଠକୀୟ

▶ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଗୁପ୍ତଧନ' ବେଶ୍ ରୋମାଞ୍ଚକର ଥିଲା। ଆମ ଦେଶରେ ଯେ, ଅନେକ ସ୍ଥାନରେ ଗୁପ୍ତଧନ ରହିଛି ଜାଣି ଆଶ୍ଚର୍ଯ୍ୟ ଲାଗିଲା। ୪ଟି ପତ୍ର ଥିବା ଗଛର ମୂଲ୍ୟ ୪ ଲକ୍ଷ ଟଙ୍କା ପାଠଟି ପଢି ଭଲ ଲାଗିଲା। ସବୁ ସପ୍ତାହ ରାଶିଫଳ ପଢିବାକୁ ମୁଁ ଭୁଲି ନ ଥାଏ। ହାଃ ହାଃ, କାର୍ଟୁନ କର୍ନର ବେଶ୍ ମଜାଦାର ଥିଲା।

*-ରାଜାମୋହନ ବେହେରା, ପିଠୁକୁଳି, ନୟାଗଡ*

▶ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ଶିକ୍ଷଣୀୟ ଥିଲା। ଦେଶ ମଧ୍ୟରେ ଲୁକ୍କାୟିତ ଥିବା ଗୁପ୍ତଧନ ଓ ଏହା ପଛର ରୋମାଞ୍ଚକର ଘଟଣାବଳୀ ସମ୍ପର୍କରେ ଜାଣିପାରିଲୁ। ସୃଜନର ଗପକବିତାଗୁଡି ବେଶ୍ ମନଛୁଆଁ ହୋଇଥିଲା।'ଗ୍ରହଣ' ଗପଟି ସମାଜର ବାସ୍ତବଚିତ୍ରକୁ ଦର୍ଶାଉଥିଲା। ତେଣୁ ବହୁତ ଭଲ ଲାଗିଲା। ସିନେମା ପୃଷ୍ଠା ମୋର ବହୁତ ପ୍ରିୟ।

*-ସୌମ୍ୟା ନାଏକ, ହୁମ୍ମା, ଗଞ୍ଜାମ*

▶ମଡେଲ ମିରର୍‌ରେ ସ୍ନେହାଶ୍ରୀ ବହୁତ ସୁନ୍ଦର ଦେଖାଯାଉଥିଲେ। ହାଃ ହାଃ ବହୁତ ମଜାଦାର ଥିଲା। ସିନେମା ପୃଷ୍ଠାରେ 'କେବଳ ଦୁଇ କପ୍ ଚା', 'ଅପେକ୍ଷାର ଫଳ ମିଠା' ପାଠଗୁଡିକ ବହୁତ ଭଲ ଲାଗିଲା। ହାଃ ହାଃ ବେଶ୍ ମଜାଦାର ଥିଲା। ଛୁଟିଦିନର ଲାଇଫ୍ ଷ୍ଟାଇଲ୍ ପୃଷ୍ଠା ବି ମୋର ବହୁତ ପ୍ରିୟ।

*-ରଜନୀ ପାଢୀ, ରାୟଗଡା*

▶ସିନେମା, ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ ପୃଷ୍ଠା ପଢି ବହୁତ ଭଲ ଲାଗିଲା। ଲାଇଫ୍ ଷ୍ଟାଇଲ୍‌ରେ ମ୍ୟାକ୍ସି ଫ୍ୟାଶନ୍ ସମ୍ପର୍କରେ ଅନେକ କିଛି ଜାଣିହେଲା। ବୋହିଗଲା ପରି କାର୍ପେଟ ଦେଖି ଆଶ୍ଚର୍ଯ୍ୟ ଲାଗିଲା। ସତରେ କାରିଗରଜଣକ ବେଶ୍ ସୃଜନଶୀଳ। କାର୍ଟୁନ କର୍ନର ବେଶ୍ ମଜାଦାର ଥିଲା।

*-ଧରଣୀଧର ବେହେରା, ଭଦ୍ରକ*

▶ଛୁଟିଦିନ ଆମର ବହୁତ ପ୍ରିୟ। ଏହାର ସବୁ ପୃଷ୍ଠା ବେଶ୍ ମନଛୁଆଁ। ଏଥରର ପ୍ରଚ୍ଛଦ ପ୍ରସଙ୍ଗ ବହୁତ ଭଲ ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠା ବି ଭଲ ଥିଲା। ଏଥିରେ ଆହୁରି ନୂଆ ନୂଆ ଫ୍ୟାଶନ ସମ୍ପର୍କରେ ଜଣାଇବାକୁ ଅନୁରୋଧ। ବ୍ୟାକ୍‌ପେଜ୍‌ର 'ବୋହିଗଲା ପରି ଲାଗେ କାର୍ପେଟ୍' ପାଠଟି ବେଶ୍ ମନଛୁଆଁ ଥିଲା। ହାଃ ହାଃ ମୋର ବହୁତ ପ୍ରିୟ।

*-ରେଣୁବାଳା ସାମଲ, କେନ୍ଦୁଝର*

▶ସିନେମା ପୃଷ୍ଠାର 'ଆଶାରେ ଆଲେକ୍‌ଜାଣ୍ଡ୍ରା' ପାଠଟି ଭଲ ଲାଗିଲା। ଓଲିଉଡ୍‌ରେ ଆଉ ଜଣେ ବିଦେଶିନୀ ଅଭିନୟ କରୁଛନ୍ତି ଜାଣିଖୁସି ଲାଗିଲା। ସୃଜନ ପୃଷ୍ଠାର ଗପ କବିତାଗୁଡିକ ବହୁତ ଭଲ ଲାଗୁଛି। ପ୍ରଚ୍ଛଦ ପ୍ରସଙ୍ଗ ବି ବେଶ୍ ପଠନଯୋଗ୍ୟ ଥିଲା। ମଡେଲ ମିରର୍‌ରେ ସ୍ନେହାଶ୍ରୀଙ୍କ ଫଟୋ ବେଶ୍ ଆକର୍ଷକ ଲାଗୁଥିଲା।

*-କୁନୁମୁନୁ, ସୀମା, ପପୁ, କଟକ*

## ବିଶେଷ ଚିଠି




କି ସୁନ୍ଦରଲାଗେ ପ୍ରଚ୍ଛଦ ପ୍ରସଙ୍ଗ
ସୁନ୍ଦର ଭାବରେ ହୁଏ ସେ ବର୍ଣ୍ଣନ
ଆସ ତୁମେ ସପ୍ତାହକରେ ଥରେ
ସବୁ ଓଡ଼ିଆଙ୍କ ଘର ଅଗଣାରେ
ଜଣା ଓ ଅଜଣା କେତେ କଥା ଆଣ
ହସ ଭରିଦିଅ ସଭିଙ୍କ ଓଠରେ
ପ୍ରଭୁ ଜଗନ୍ନାଥ ହୁଅନ୍ତୁ ସହାୟ
ତୁମ ଯାତ୍ରାପଥ ହେଉ କୁସୁମିତ
ସବୁଦିନ ପାଇଁ ତୁମେ ରହିଥାଅ
ହେ ଧରିତ୍ରୀ ଛୁଟିଦିନ...

*-ସୁଶ୍ରୀ ସୁରିତା ସାହୁ*
*ଖଳିସାହି, ନୟାଗଡ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଆଶାର ଆଲୋକ



କ୍ୟାନ୍ସର ଏକ ରୋଗ ; ଯାହା ଶରୀରକୁ ଦିଏ ଅସହ୍ୟ ଯନ୍ତ୍ରଣା। ଜୀବନ ମରଣର ଦୋ ଛକିରେ ଧନ୍ଦି ହୁଏ ମଣିଷ। ଭାଙ୍ଗିଯାଏ ମନୋବଳ, ମାଡିବସେ ଅବସାଦର କଳା ଛାଇ। ବେଳେବେଳେ ପିଣ୍ଡରୁ ପ୍ରାଣ ହୋଇଯାଏ ଅଲଗା। କିନ୍ତୁ କେତେଜଣ ଦୁଃସାହସୀ ମଣିଷ କ୍ୟାନସର ଆରମ୍ଭ କରିଥିବା ଯୁଦ୍ଧକୁ ସାହସର ସହ ଲଢି ତା' ପଞ୍ଝାରୁ ନିଜକୁ ମୁକୁଳାନ୍ତି। ଶେଷରେ ହାର୍‌ମାନେ ଏହି ରୋଗ। ପୁଣିଥରେ ହସିଉଠେ ଜୀବନ। ଆଉ ସେମାନଙ୍କ ସଂଘର୍ଷର କାହାଣୀ ପାଲଟେ ଆଉ କାହା ପାଇଁ ଆଶାର ଆଲୋକ...

**କ୍ୟାନ୍‌ସର ରୋଗୀଙ୍କ ସେବାରେ ଫାଇଟର୍ ସ୍ୱାଗତିକା:** କଟକର ଚୁଲ୍‌ବୁଲି ଝିଅ ସ୍ୱାଗତିକା ଆଚାର୍ଯ୍ୟ। ଘରେ ସମସ୍ତଙ୍କର ଗେହ୍ଲି। ଓଡିଶୀ ନୃତ୍ୟଠୁ ଆରମ୍ଭ କରି ଖେଳକୁଦ ସବୁଥିରେ ସେ ଥିଲେ ଆଗୁଆ। ଆଖିରେ ଆଖିଏ ସ୍ୱପ୍ନ ନେଇ ଖୋଲା ଆକାଶରେ ଡେଣା ମେଲାଇ ଉଡିବାକୁ ଥିଲା ଇଚ୍ଛା। ହେଲେ ମାତ୍ର ୧୯ ବର୍ଷ ବୟସରେ ତାଙ୍କ ଜୀବନରେ ଏମିତି କିଛି ଘଟିଗଲା ଯାହା ତାଙ୍କ ଦୁନିଆକୁ ଓଲଟପାଲଟ କରିଦେଲା। ସ୍ୱାଗତିକା କହନ୍ତି, '୨୦୧୭, ଅକ୍ଟୋବର ମାସର ଘଟଣା। ମୁଁ ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟରେ ଲ' ପଢୁଥାଏ। କଲେଜରେ ସ୍ପୋର୍ଟସ ଡେ' ଥାଏ। ଆଉ ମୁଁ କଲେଜ କ୍ରିକେଟ୍ ଟିମ୍ ପାଇଁ ଖେଳୁଥିଲି। ତେଣୁ ସକାଳୁ ଉଠି ପ୍ରାକ୍ଟିସ୍ କରୁଥିଲି। ଦିନେ ମୋ ତଣ୍ଟି କାଟିଲା। ଭାବିଲି କିଛି ଇନଫେକ୍ସନ ହେଇଛି। ତେଣୁ ଲୁଣପାଣି ଗାର୍ଗଲିଂ କଲି। ଭିକ୍ସ ଖାଇଲି। କିନ୍ତୁ କମିଲାନି। ଏହାପରେ ବାମପଟ କାନ ତଳେ ଫୁଲିବା ଆରମ୍ଭ ହେଲା। ତେଣୁ ସମ୍ ହସ୍ପିଟାଲକୁ ଚେକ୍‌ଅପ୍ ପାଇଁ ଗଲି। ସେଠି କହିଲେ ଯେହେତୁ ମୁଁ ବାହାରେ ରହୁଛି, ବାହାରେ ଖାଉଛି, ଟିବି ହେଇଥାଇପାରେ। ଆଉ ପ୍ରଥମେ ଥଣ୍ଡା ପାଇଁ ଆଣ୍ଟିବାୟୋଟିକ୍ସ ଦେଲେ। ମେଡିସିନ ଖାଇବାର ୧୫ ଦିନପରେ ବି ଫୁଲା କମିଲାନି, ବରଂ ବଢିଲା। ଘରକୁ ଆସି ଆଉ ଏକ ହସ୍ପିଟାଲ ଗଲୁ। ସେଠି ମଧ୍ୟ ଡାକ୍ତର କହିଲେ ଟିବି ହୋଇଥିବ। ତେଣୁ ଟିବି ଟେଷ୍ଟ କରାହେଲା। ଥରେ ନୁହେଁ ଅନେକ ଥର କରାହେଲା। ସବୁଥର ନେଗେଟିଭ୍ ଆସୁଥିଲା। ତଥାପି ଡିସେମ୍ବରରୁ ଟିବି ମେଡିସିନ୍ ଖାଇଲି। ଡାକ୍ତର କହିଲେ ମେଡିସିନ୍ ଖାଇବାର କିଛିଦିନ ପରେ ଫୁଲା କମିଯିବ। କିନ୍ତୁ କମିଲାନି। ସେଥିପାଇଁ ମୁଁ ନିଜେ ମୋ ସିମ୍ପଟମ୍‌ସ ଲେଖି ଗୁଗଲରେ ସର୍ଚ୍ଚ କଲି। ଆଉ ଜାଣିପାରଲି ଯେ, ମତେ 'ଲିମ୍ଫୋମା' (ଏକ ପ୍ରକାରର କ୍ୟାନ୍ସର) ହେଇଛି। ଡାକ୍ତରଙ୍କୁ ଏ ସମ୍ପର୍କରେ ପଚାରିଲି। କିନ୍ତୁ ଡାକ୍ତର ମୋ ଉପରେ ବିରକ୍ତ ହୋଇ କହିଲେ ତୁ ଡାକ୍ତର ନା ଆମେ। ମେଡିସିନ୍ ଖାଆ ଭଲ ହୋଇଯିବ। ଫେବୃୟାରୀ ମାସରେ ମୁଁ ଘରୁ କଲେଜ ଯିବା ଆସିବା କରୁଥାଏ। ଦିନେ କଲେଜରୁ ଘରେ ପହଞ୍ଚିବା ପରେ ମୁଁ ଅଚେତ୍ ହୋଇପଡିଗଲି। କଟକରେ ମୋ ପିଉସାଙ୍କ କ୍ଲିନିକ, ସେଠି ମତେ ନିଆଗଲା। ବ୍ଲଡ ଟେଷ୍ଟ ହେବାପରେ ଜଣାପଡିଲା ଡବଲ୍ୟୁବିସି ୪୦,୦୦୦ ଥିଲା। ୭ଦିନ ସେଠି ଆଡମିଟ୍ ହେଲି। ବାପାଙ୍କର ଜଣେ ଭଲ ସାଙ୍ଗ ଯେକି, ପେଡିଆଟ୍ରିକ ଡକ୍ଟର ତାଙ୍କ ଘରେ ଏମିତି କେସ୍ ଆଗରୁ ହୋଇଥିଲା। ତେଣୁ ସେ କହିଲେ ବାୟୋପ୍ସି କରେଇବା ପାଇଁ। ୨ଦିନ ଭିତରେ ବାୟୋପ୍ସି କରାହେଲା। ଆଉ ଯେଉଁଦିନ ରିପୋର୍ଟ ଆସିଥିଲା ପ୍ରଥମେ ମୁଁ ହିଁ ଦେଖିଥିଲି ଯେ, ମୋର କ୍ୟାନ୍ସର ଅଛି। କିନ୍ତୁ ତାହା କେଉଁଠି ଥିଲା ଜଣାପଡି ନ ଥିଲା। ତେଣୁ ମୁମ୍ବାଇର ଟାଟା ମୋମୋରିଆଲ ଗଲୁ। ୧୦ଦିନ ପରେ ଜଣାପଡିଲା ନାଜୋଫାରିଙ୍କସ୍ ହେଇଛି। ଆଉ ତାହା ଦ୍ୱିତୀୟ ଷ୍ଟେଜ୍‌ରେ ଥିଲା। ଏହି କ୍ୟାନ୍ସର ଭଲ ହେବା ସମ୍ଭାବନା ବହୁତ ଥାଏ। ଡାକ୍ତର କହିଲେ ଏଠି ବହୁତ ରୋଗୀ। ଉପଯୁକ୍ତ ଚିକିତ୍ସା ପାଇ ଭଲ ହେବାକୁ ସମୟ ଲାଗିବ। ତେଣୁ ନିଜ ସହରରେ ଟ୍ରିଟମେଣ୍ଟ ହୁଅନ୍ତୁ। ତେଣୁ କଟକ ଫେରି ସମ୍ ହସ୍ପିଟାଲରେ ଆଡମିଟ୍ ହେଲି। ମତେ ୩ଟି କେମୋ ଓ ୩୭ ରେଡିଏସନ୍ ଦିଆଗଲା। ଏମିତିରେ ୨୦୧୮, ଅଗଷ୍ଟରେ ମୋ ଚିକିତ୍ସା ସରିଲା। ଏବେ ମୁଁ ସୁସ୍ଥ ଅଛି। ହେଲେ ଅନ୍ୟମାନଙ୍କ ପରି ମୁଁ ମୋ ରୋଗକୁ କେବେ ଲୁଚେଇ ରଖି ନ ଥିଲି। କ୍ୟାନ୍ସରର ସବୁ ଷ୍ଟେଜ୍‌ର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରୁଥିଲି। ସେତେବେଳେ ମୋ ବାପାମା'ଙ୍କୁ ବହୁତ ଲୋକ ସାନ୍ତ୍ୱନା ଦେବା ବଦଳରେ ଡରେଇଥିଲେ। ହେଲେ ମୁଁ ଷ୍ଟ୍ରଙ୍ଗ ଥିଲି। ସେମାନଙ୍କୁ ସାହସ ଦେଇଥିଲି। ଆଉ ରୋଗ ସହ ଲଢିଥିଲି। ଏଥିରେ ମୋ ଡାକ୍ତର ମତେ ବହୁତ ସାହାଯ୍ୟ କରିଥିଲେ। ମତେ ଜଣେ ଫାଇଟର୍ ସଜେଇଥିଲେ। ଏବେ ମୁଁ ସୁସ୍ଥ ଅଛି। ଆଉ ଗରିବ କ୍ୟାନ୍ସର ରୋଗୀଙ୍କୁ ସାହାଯ୍ୟ କରିବା ପାଇଁ ଏକ ଗ୍ରୁପ୍ କରିଛି, ଯାହାର ନାଁ 'ଅୱେକେନ୍'। କଟକର 'ସିଲଭର୍ ସିଟି' ନାମକ ଗ୍ରୁପ, ଯେକି କ୍ୟାନ୍ସର ରୋଗୀଙ୍କ ପାଇଁ କାମ କରନ୍ତି, ତାଙ୍କ ସହ ମିଶି ମଧ୍ୟ ଆମେ କାମ କରୁଛୁ। ଆମ ଗ୍ରୁପର ସଦସ୍ୟ ନିଜେ କିଛି କିଛି ଟଙ୍କା ଦେବା ସହ କିଛି ସଦୟ ବ୍ୟକ୍ତି ବି ବେଳେବେଳେ ଦାନ କରନ୍ତି। ସେହି ଟଙ୍କାରେ ଆମେ କ୍ୟାନ୍ସର ରୋଗୀଙ୍କର କେବେ କେମୋ ଖର୍ଚ୍ଚ ତ କେବେ ଡାକ୍ତରଖାନା ଖର୍ଚ୍ଚ, ପୁଣି କେବେ ସେମାନଙ୍କ ପାଇଁ ପ୍ରୋଟିନ୍ ପାଉଡର୍ ଓ ଖାଇବା ଖର୍ଚ୍ଚ ବହନ କରୁଛୁ। କରୋନା ସମୟରେ ବି ଯେମିତି ରୋଗୀମାନେ ପ୍ରପର୍ ଟ୍ରିଟମେଣ୍ଟ ପାଇପାରିବେ ସେଥିପାଇଁ ବ୍ୟବସ୍ଥା କରୁଛୁ। ଏହି କାମରେ ମୋତେ ଚିକିତ୍ସା କରିଥିବା ଡାକ୍ତର ବହୁତ ସାହାଯ୍ୟ କରୁଛନ୍ତି। ସେମାନେ ଯେତେବେଳେ ଦେଖୁଛନ୍ତି ଆମେ ଟଙ୍କା ଯୋଗାଡ କରି ରୋଗୀଙ୍କ ଚିକିତ୍ସା କରାଉଛୁ, ସେମାନେ କମ୍ ଖର୍ଚ୍ଚରେ ଚିକିତ୍ସା କରି ଦେଉଛନ୍ତି। ତେଣୁ ଏକ ଟିମ୍ ଭାବେ ଆମେ କାମ କରୁଛୁ।'

**ନିଜ ଚିକିତ୍ସା ଟଙ୍କା ସମାଜସେବାରେ ଲଗାଇଛନ୍ତି ବିଜୟଲକ୍ଷ୍ମୀ:** ବିଜୟ ଲକ୍ଷ୍ମୀ କର। ଘର ଭୁବନେଶ୍ୱରର ରସୁଲଗଡରେ। ଦେଖିବାକୁ ବେଶ୍ ସ୍ମାର୍ଟ ଓ ସୁନ୍ଦର। ଜଣେ ସମାଜସେବୀଭାବେ ସେ ବେଶ୍ ପରିଚିତା। ତା'ସହ ନିଜ ଫାଇନାନ୍ସ କମ୍ପାନୀ କଥା ବି ବୁଝନ୍ତି। ସବୁବେଳେ ମୁହଁ ତାଙ୍କର ହସହସ। ତେବେ ଏଇ ହସ ହସ ମୁହଁ ତଳେ ଲୁଚି ରହିଛି ଦୀର୍ଘବର୍ଷର ଯନ୍ତ୍ରଣା। କାରଣ ୧୧ ବର୍ଷ ହେବ ସେ ସଂଘର୍ଷ କରି ଚାଲିଛନ୍ତି କ୍ୟାନ୍ସର ସହ। ତଥାପି ଭାଙ୍ଗିନି ତାଙ୍କର ମନୋବଳ। ପାଳିତ ଭିନ୍ନକ୍ଷମ ପୁଅ କଥା ବୁଝିବା ସହ ସମାଜସେବା କରିଚାଲିଛନ୍ତି। ବିଜୟ ଲକ୍ଷ୍ମୀ କହନ୍ତି, '୨୦୦୯ ମସିହାରେ ମୋ ଦେହ କାହିଁକି କେଜାଣି ଖରାପ ହେବାକୁ ଲାଗିଲା। ଆଉ ଦ୍ରୁତ ବେଗରେ ଓଜନହ୍ରାସ ହେବାକୁ ଲାଗିଲା। ସେତେବେଳେ ମତେ ବୟସ ୪୬-୪୭ ବର୍ଷ ହେବ। ତେଣୁ ଓଜନ ହ୍ରାସକୁ ମୁଁ ଏତେ ଗୁରୁତ୍ୱ ଦେଇ ନ ଥିଲି। ଭାବିଲି ଏ ବୟସରେ ଓଜନ ହ୍ରାସ ହେଲେ ଭଲ।

## ନିଜେ ନିଜର ଡାକ୍ତର ନ ସାଜି ଛୋଟ ଶାରୀରିକ ସମସ୍ୟା ପାଇଁ ବି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

*-ଡା. ସୌମ୍ୟସୁରତ ପଣ୍ଡା, ମେଡିକାଲ ଅଙ୍କଲୋଜିଷ୍ଟ*



ଆଇଏମ୍‌ଏସ୍ ଏବଂ ସମ୍ ହସ୍ପିଟାଲର ମେଡିକାଲ ଅଙ୍କଲୋଜିଷ୍ଟ ବିଭାଗର ପ୍ରଫେସର୍ ଓ ଏଚ୍‌ଓଡି ଡା. ସୌମ୍ୟସୁରତ ପଣ୍ଡା କହନ୍ତି, 'ଆଧୁନିକ ଜୀବନଶୈଳୀ, ଧୂମପାନ, ମଦ୍ୟପାନ, ତମ୍ବାଖୁ ସେବନ ଆଦି କ୍ୟାନ୍ସର ହେବାର ପ୍ରମୁଖ କାରଣ। ବିଭିନ୍ନ ବୈଦ୍ୟୁତିକ ଉପକରଣର ବ୍ୟବହାର ଯୋଗୁ ଜୀବନ ସହଜ ହେଉଛି ସତ, ହେଲେ ଶାରୀରିକ ପରିଶ୍ରମ କମିଯାଉଛି। ଯାହାକି ମେଦବହୁଳତା ଓ ମଧୁମେହ ପରି ରୋଗର କାରଣ ସାଜେ। ପରେ ତାହା କ୍ୟାନ୍ସରର ରୂପ ବି ନେଇପାରେ। ତା'ଛଡା ପୋଡାତେଲର ବାରମ୍ବାର ବ୍ୟବହାର ଓ ଅତ୍ୟଧିକ ଖରାରେ ବେଶି ସମୟ ରହିବା ବି ଅନେକ ସମୟରେ କ୍ୟାନ୍ସରର କାରଣ ସାଜେ। ତେଣୁ କ୍ୟାନ୍ସରରୁ ସୁରକ୍ଷା ପାଇବାକୁ ହେଲେ ସୁସ୍ଥ ଜୀବନଶୈଳୀ, ବ୍ୟାୟାମ ନିହାତି ଆବଶ୍ୟକ। ଏହାବାଦ ଶରୀରରେ କୌଣସି ସମସ୍ୟା ଦେଖାଦେଲେ ନିଜେ ନିଜର ଡାକ୍ତର ନ ସାଜି ଡାକ୍ତରଙ୍କୁ ଦେଖାଇ ଉପଯୁକ୍ତ ଚିକିତ୍ସା କରାଇବା ଜରୁରୀ। ସାଧାରଣତଃ କ୍ୟାନ୍ସରର ଲକ୍ଷଣ ଜଣାପଡି ନ ଥାଏ। କାରଣ ଏହା ଏକ ଭଲ ମିମିକର୍। ଏହା ଅନ୍ୟ ରୋଗର ଲକ୍ଷଣକୁ ଅନୁକରଣ କରିଥାଏ। ତେଣୁ ଏହାକୁ ଜାଣିବା କଷ୍ଟ। ସେଥିପାଇଁ କୌଣସି ଶାରୀରିକ ସମସ୍ୟାକୁ ଛୋଟ ଭାବି ଅବହେଳା କରିବା ଠିକ୍ ନୁହେଁ। ତାହା କ୍ୟାନ୍ସରର ଲକ୍ଷଣ ବି ହୋଇଥାଇପାରେ। ଛୋଟ ପିଲାଙ୍କୁ କ୍ୟାନ୍ସର ହୁଏ। ଆଉ ଏହା ଫ୍ୟାମିଲିଆଲ, ହେରିଡେଟାରୀ ଓ କିଛିଟା ଜେନେଟିକ୍ ମ୍ୟୁଟେସନ୍ ପାଇଁ ହୋଇଥାଏ। ଏହି ରୋଗ କୌଣସି ବୟସ, ବର୍ଗ, ଜାତି ଦେଖେନା। କାହାକୁ ବି ହେଇପାରେ। ତେଣୁ ଏହାକୁ ପୂର୍ବଜନ୍ମର କୁକର୍ମ ଭାବିବା ଭୁଲ୍। ଆଉ ଚିକିତ୍ସା ସମୟରେ ଭଲ ଡାକ୍ତର ଦେଖାଇବା ନିହାତି ଜରୁରୀ। ଡାକ୍ତରଙ୍କ ଶିକ୍ଷାଗତଯୋଗ୍ୟତା, ଅଭିଜ୍ଞତା ଦେଖିବା ସହ କେଉଁଠି ବେଷ୍ଟ ଟ୍ରିଟମେଣ୍ଟ ମିଳିପାରିବ ତା'ଉପରେ ଆଗ ଭଲରେ ଜାଣିନେବା। କାରଣ ଭୁଲ ଚିକିତ୍ସା ଅବା ବିଳମ୍ବ ଚିକିତ୍ସା ରୋଗୀଙ୍କ ଜୀବନ ପ୍ରତି ବିପଦ ଆଣିପାରେ।



ପ୍ରମୋଦିନୀ ରାଉଳଙ୍କ ସହ ବିଜୟ ଲକ୍ଷ୍ମୀ କର



ମା'ଙ୍କ ସହ ସ୍ୱାଗତିକା

# ରାମରାଜ୍ୟ : ପ୍ରଥମେ ଚିତ୍ରକୂଟ, ଶେଷରେ ଅଯୋଧା

ପାଠକେ! ଆପଣମାନଙ୍କର ମନେଥିବ ଯେ, ଗତ ଜୁଲାଇ ମାସରେ ଆମେ 'ରାମରାଜ୍ୟ' ପ୍ରସଙ୍ଗ ଉପରେ ଆଲୋଚନା କରୁଥିଲେ। ସେ ସ୍ତମ୍ଭରେ ସନ୍ନ୍ୟାସୀ ଗୋଟେ ଶଙ୍କା ଆପଣମାନଙ୍କ ଆଗରେ ରଖିଥିଲା– ରାମରାଜ୍ୟ ଅଯୋଧାରେ ନୁହେଁ, ପ୍ରଥମେ ଚିତ୍ରକୂଟରେ ହିଁ ଆରମ୍ଭ ହୋଇଥିଲା। ସଭିଏଁ ଜାଣନ୍ତି ରାମରାଜ୍ୟ କହିଲେ ରାମଙ୍କ ଦ୍ୱାରା ସ୍ଥାପିତ ରାଜ୍ୟକୁ ବୁଝାଏ। ଯେଉଁଠି ପ୍ରଜାମାନେ ସୁଖ, ଶାନ୍ତି ଆଉ ଆନନ୍ଦରେ ଥିବେ, ଦୁଃଖ ନଥିବ, ଅଭାବ ନଥିବ, କରୋନା ପରି ମହାମାରୀ କି ଫନି ବାତ୍ୟା ନଥିବ, ବୃକ୍ଷଲତା, ପଶୁପକ୍ଷୀ, କୀଟପତଙ୍ଗଠୁ ଆରମ୍ଭ କରି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ର ସମସ୍ତେ ଅମୃତ ବର୍ଷଣ କରି ଚାଲିଥିବେ। ଚୋରୀ, ନାରୀ, ଦୁର୍ନୀତି, ଠକେଇ ନଥିବ। ଗୋଟିଏ ବାକ୍ୟରେ କହିଲେ ଏୟା ହେବ ଯେ, ଯେଉଁ ରାଜ୍ୟରେ ପ୍ରଜାଙ୍କ ଉପରେ ସ୍ୱର୍ଗୀୟ ସମସ୍ତ ସୁଖ କୁଢ଼େଇ ହୋଇପଡେ ସେଇ ରାଜ୍ୟକୁ ରାମରାଜ୍ୟ କୁହାଯାଏ।

ଅଯୋଧାରେ ରାମରାଜ୍ୟ ଥିଲା। କେତେକ ପଣ୍ଡିତ ଏହି ମତକୁ ସ୍ୱୀକାର କରନ୍ତି ନାହିଁ। କୁହନ୍ତି ଅଯୋଧାରେ ଯଦି ରାମରାଜ୍ୟ ଥିଲା, ତେବେ ସେ ରାଜ୍ୟରେ ଧୋବା ଧୋବଣୀଙ୍କ କଳି କାହିଁକି ହେଉଥିଲା ? ପାଠକେ, ଆମ୍ଭେ ସେ ଆଡକୁ ଯିବାନି। ଗଲେ ଆମେ ମୁଖ୍ୟ ଆଲୋଚନାରୁ ଦୁରେଇ ଯିବା। ଧୋବା ଧୋବଣୀ କଳି ହେଉଥିବା କେତେ ସତ କେତେ ମିଛ ନାଁ ଏହା ଏକ ପ୍ରକ୍ଷେପ, ସେ ବିଷୟରେ ଆଉ କେବେ ଆଲୋଚନା କରିବା।

ହେଲେ ଏହା ସତ୍ୟ ଯେ, ଅଯୋଧାରେ ରାମରାଜ୍ୟ ସ୍ଥାପନା ହେବା ପୂର୍ବରୁ ପ୍ରଭୁ ଶ୍ରୀରାମ ଆଉ ୩ଟି ସ୍ଥାନରେ ରାମ ରାଜ୍ୟ ପ୍ରତିଷ୍ଠା କରିସାରିଥିଲେ। ସେ ସ୍ଥାନଗୁଡିକ ହେଉଛି ଚିତ୍ରକୂଟ, ଦଣ୍ଡକାରଣ୍ୟ ଏବଂ ଲଙ୍କା। ସବା ଶେଷରେ ରହିଛି ଅଯୋଧା। ଅଯୋଧାରେ ରାମ ରାଜ୍ୟ ସ୍ଥାପନା ପାଇଁ ରାଜା ଦଶରଥ ବହୁ ପ୍ରୟାସ କରିଥିଲେ। କିନ୍ତୁ ଶେଷ ପର୍ଯ୍ୟନ୍ତ ସଫଳ ହୋଇପାରିଲେ ନାହିଁ। କାହିଁକି ? କ'ଣ ଏହାର ରହସ୍ୟ ? ? ପୁଣି ରାମରାଜ୍ୟ ପ୍ରଥମେ ଚିତ୍ରକୂଟରେ କାହିଁକି ସ୍ଥାପନା ହେଲା। ଅନ୍ୟ କେଉଁଠି କରିବାକୁ ପ୍ରଭୁ କାହିଁକି ଚାହିଁ ନଥିଲେ– ଏମିତି ଅନେକଗୁଡିଏ ପ୍ରଶ୍ନ ଜଣେ ସାଧାରଣ ରାମାୟଣ ପ୍ରେମୀ ପାଠକ ବା ଚିନ୍ତକମାନଙ୍କ ମନରେ ଉଙ୍କିମାରେ। ମାରିବା ସ୍ୱାଭାବିକ ମଧ୍ୟ। ପାଠକେ, ଆମେ ଏଣିକି ଟିକେ ଭିତରକୁ ପଶିବା। ଆମ ଭିତରେ ଚାରୋଟି ଅଦୃଶ୍ୟ ସତା ଅଛି। ସେଗୁଡିକ ହେଲେ ମନ, ବୁଦ୍ଧି, ଅହଙ୍କାର ଏବଂ ଚିତ। ଏହାକୁ 'ଅନ୍ତଃ ଚର୍ତୁଷ୍ଟୟ' କୁହାଯାଏ। ଏଗୁଡିକ ଆମକୁ ଅଦୃଶ୍ୟ କିନ୍ତୁ ଏମାନଙ୍କର ସତା ବା ସ୍ଥିତି ଅଛି। ଆମେ ଯେତେବେଳେ ଜାଗ୍ରତ ଥାଉ, ସେତେବେଳେ 'ବୁଦ୍ଧି', ସ୍ୱପ୍ନାବସ୍ଥାରେ 'ମନ' ଏବଂ ସୁଷୁପ୍ତି ଅବସ୍ଥାରେ 'ଅହଂକାର' ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଚେତନା ବା ଜାଗ୍ରତ ଅବସ୍ଥାରେ ଆମେ 'ବୁଦ୍ଧି'କୁ ନେଇ କାମ କରୁ। ସେଥିପାଇଁ ମଣିଷକୁ ଏକ ବୁଦ୍ଧିଜୀବୀ ପ୍ରାଣୀ ବୋଲି କୁହାଯାଏ। ଏ ଅବସ୍ଥାରେ 'ମନ' ଥାଏ କିନ୍ତୁ 'ବୁଦ୍ଧି' ଏହାକୁ ସବୁବେଳେ ଚପେଇ ରଖିଥାଏ। ଗୋଟିଏ ସାଧାରଣ ଘଟଣା ଦେଖନ୍ତୁ। ସଂସାରରେ ଚଳିବା ବେଳେ 'ମନ' ଭିତରେ ଅନେକଙ୍କ ପ୍ରତି ଦୁର୍ଭାବନା ସୃଷ୍ଟି ହୋଇଥାଏ। କିନ୍ତୁ 'ବୁଦ୍ଧି' ତାହାକୁ ଚାପି ଦେଇଥାଏ। ବୁଦ୍ଧି ମନକୁ କହେ– ହେ ଏପରି ଭାବନା ଯଦି ଭାବୁଛୁ ଭାବେ କିନ୍ତୁ ବାହାରେ ପ୍ରକାଶ କରନା। ଲୋକେ କ'ଣ କହିବେ ? ଆପଣ କୌଣସି ଏକ କମ୍ପାନୀରେ ପିଅନ ଚାକିରି କରିଛନ୍ତି। କମ୍ପାନୀର ମାଲିକ ତାଙ୍କର ଏକମାତ୍ର ସୁନ୍ଦରୀ ଯୁବତୀ ଝିଅ ସହ ଦିନେ ଅଫିସକୁ ଆସିବେ। ଯୌବନାବତୀ ସୁନ୍ଦରୀ ଝିଅଟିକୁ ଦେଖି ତାକୁ ବିଭା ହେବା ପାଇଁ ଆପଣଙ୍କ ଟୋକାଳିଆ ମନ ମନେ ମନେ କେତେ କ'ଣ ଭାବି ବସିବ। ହେଲେ ସେଠି 'ବୁଦ୍ଧି' ଧମକେଇ କହିବ– ଆରେ, ବାମନ ହୋଇ ସ୍ୱର୍ଗକୁ କାହିଁକି ହାତ ବଢ଼ାଉଛୁ। ତୁ ପରା ପିଅନଟିଏ। ଭାବୁଛୁ ଯଦି ଭାବେ କିନ୍ତୁ ଭୁଲରେ ଏ କଥା ଯେମିତି କାହା ଆଗର ନକହୁ। ଚାକିରି ଚାଲିଯିବରେ ବାପା। ବିନା କାରଣରେ ଆପଣଙ୍କ ଉପରିସ୍ଥ ଅଫିସର ଆପଣଙ୍କୁ ଗାଳି କରିଲେ। ପର ମୁହୂର୍ତରେ ପଚାରିଲେ–କ'ଣ ମନ କଷ୍ଟ ହେଲା କି। ମନ ଚାହୁଁଛି ଯେ, ହଁ କହି ଦେବ ଢ଼େର କଷ୍ଟ ପାଇଲି ବୋଲି କିନ୍ତୁ 'ବୁଦ୍ଧି' ତାଗିଦା କରି କୁହାଇବ– ନାଇଁ ସାର୍, ଆପଣ ଆମର ଅନ୍ନଦାତା। ଆପଣ ଗାଳି କରିବେ ନି ତ ଆଉ କିଏ କରିବ। ଦିନସାରା ଏମିତି ବିଭିନ୍ନ ପ୍ରସଙ୍ଗରେ 'ବୁଦ୍ଧି' ମନ ଉପରେ ମାମଲତକାର ଦେଖାଉଥାଏ। ସେଥିପାଇଁ ଆମର ଜାଗ୍ରତ ଅବସ୍ଥା ହେଉଛି ବୁଦ୍ଧି ପ୍ରଧାନ ଅବସ୍ଥା।

ଜାଗ୍ରତ ପରେ ଆସେ ସ୍ୱପ୍ନାବସ୍ଥା। ଏହା ହେଉଛି 'ମନ'ର ପ୍ରଧାନ ଅବସ୍ଥା। ଏଠି 'ବୁଦ୍ଧି'ର କରାମତି କାଟୁ କରେନା। 'ମନ' ଏଠି ସବୁକିଛି ରଜା ପ୍ରଜା। ଦିନସାରା ବୁଦ୍ଧିର ଇସାରାରେ ବାଟ ଚାଲି ଚାଲି 'ମନ' ଥକି ଯାଇଥାଏ। ତା' ଭିତରେ ଥିବା ଅନେକ ଅକୁହା କଥା ବା ଚିନ୍ତା 'ସ୍ୱପ୍ନ' ହୋଇ ତା ପାଖକୁ ଆସେ। ଦିନରେ ମାଳିକର ଝିଅକୁ ବାହା ହେବା ପାଇଁ ଇଚ୍ଛା କରି ହେଇ ନପାରିଲେ କ'ଣ ହେଲା। ରାତିରେ ସ୍ୱପ୍ନରେ କିନ୍ତୁ ସେ ତାକୁ ସତସତିକା ବାହା ହୋଇପଡେ। ବାଜା, ବାଣ, ରୋଷଣୀ, ଖାଇବା ପିଇବାର ଧୂମଧାମ ଦୃଶ୍ୟରେ ସେ ପୂରା ମସଗୁଲ ଥାଏ। 'ବୁଦ୍ଧି'ର ଅନୁପସ୍ଥିତି ଯୋଗୁ ସ୍ୱପ୍ନରେ 'ମନ'ର

**ଚିନ୍ମୟ ଚିନ୍ତନ**

**ଶ୍ରୀ ସନ୍ନ୍ୟାସୀ**



ଯାହା ଇଚ୍ଛା ହୁଏ ତାହା କରେ। ସ୍ୱପ୍ନରେ ଉଡାଯାହାଜରେ ବସି ଆକାଶରେ ଉଡେ। ବଡ ପଂଚତାରକା ହୋଟେଲରେ ସୁନ୍ଦରୀ ସ୍ତ୍ରୀ ସହ ଭୋଜନ କରେ। ନେତା, ମନ୍ତ୍ରୀ ଆଦି ବିଭିନ୍ନ ଦୃଶ୍ୟର ସେ ନାୟକ ବନିଯାଏ। ନିଦ ଭାଙ୍ଗିଗଲେ ସେ ଯାହାକୁ ତାହା। 'ବୁଦ୍ଧି' ପୁଣି ଆସି ସମ୍ମୁଖରେ ହାଜର ହୋଇଯାଏ।

ଅରଣ୍ୟରେ ଥିବା ଏକ ଆଶ୍ରମରେ ଜଣେ ଗୁରୁ ଏବଂ ତାଙ୍କର ଅନେକ ଶିଷ୍ୟ ରହୁଥିଲେ। ଶିଷ୍ୟମାନଙ୍କ ଭିତରେ ଜଣେ ଶିଷ୍ୟ ଗୁରୁଙ୍କ ଖୁବ୍ ସେବା କରେ। ଗୁରୁ କେତେବେଳେ ଉଠିବେ, କେମିତି ଗାଧେଇବେ, କ'ଣ ଖାଇବେ, କ'ଣ ପିଇବେ ସବୁକଥା ନିଷ୍ଠାପର ଭାବରେ ଉକ୍ତ ଶିଷ୍ୟ ଜଣଙ୍କ ବୁଝେ। ପୁରା ୨୪ ଘଂଟା ଜାଗ୍ରତ।

ଦିନେ ରାତିରେ ଶିଷ୍ୟଟି ଏକ ସ୍ୱପ୍ନ ଦେଖିଲା। ଗୁରୁ ଉକ୍ତ ଶିଷ୍ୟକୁ କେଉଁ ଏକ ଜାଗାକୁ ପଠାଇବାକୁ ନିର୍ଦ୍ଦେଶ ଦେବାରୁ ଶିଷ୍ୟଟି ମୁହଁ ଛିଂଚାଡି 'ମୁଁ ଯାଇପାରିବି ନାହିଁ' ବୋଲି ଉତର ଦେଇଦେଲା। ହଠାତ୍ ନିଦ ଭାଙ୍ଗିଗଲା ଶିଷ୍ୟର। ଗୁରୁଙ୍କୁ ଏପରି ଔଦ୍ଧତ୍ୟପୂର୍ଣ୍ଣ ଉତର ଦେଇଥିବାରୁ ବହେ ଅନୁତାପ କଲା ସେ। ହେଲେ ସ୍ୱପ୍ନ ତ ସ୍ୱପ୍ନ କିନ୍ତୁ ଏପରି ଆଚରଣ ଯୋଗୁ ଶିଷ୍ୟର ମନ ବେଳକୁ ବେଳ ଅନାତାପ ବହ୍ନିରେ ଜ୍ୱଳନ ହେବାରୁ ପରଦିନ ସକାଳେ କପାଳରେ କରଯୋଡି ଗୁରୁଙ୍କୁ ଏପରି ସ୍ୱପ୍ନ ଦେଖିବାର କାରଣ ଇଚ୍ଛା କଲା। ଶିଷ୍ୟର ମୁଣ୍ଡକୁ ଆଉଁଶି ଦେଉଦେଉ ଗୁରୁ ମହାରାଜ କହିଲେ ତୁମର ସେବାରେ ତ ମୁଁ ଖୁବ୍ ସନ୍ତୁଷ୍ଟ। ଏଥିରେ 'ତୁମର ମନ' ଏବଂ 'ବୁଦ୍ଧି' ବି ସଂଶ୍ଳିଷ୍ଟ ଅଛି। କିନ୍ତୁ କେଉଁଠି ନା କେଉଁଠି ବା କେଉଁ ଏକ ଦୁର୍ବଳ ମୁହୂର୍ତରେ ତୁମର 'ମନ' ସାମାନ୍ୟ ଟିକେ ଭାବି ନେଇଛି କି ଯେ 'ଆଉ କେତେ ସେବା କରିବି ମ ?'' ବା ' ଆଉ ସେବା କରିବାକୁ ଇଚ୍ଛା ନାହିଁ ମୋର'। ତୁମେ ଏ କଥା ଭାବିଛ କିନ୍ତୁ ପର ମୁହୂର୍ତରେ 'ବୁଦ୍ଧି' ତୁମକୁ ସତର୍କ କରିଦେଇଛି– ମୁର୍ଖ, ଏମିତି କ'ଣ ଭାବନ୍ତି। ବହୁ ପୂଣ୍ୟ ଥିଲେ ଗୁରୁ ସେବା ଭାଗ୍ୟରେ ମିଳେ ଇତ୍ୟାଦି ଇତ୍ୟାଦି। ବସ୍ ! ତୁମ ମନର ସେହି ସାମାନ୍ୟ ଅକୁହା ଭାବନା ଯାହା 'ବୁଦ୍ଧି' ଦ୍ୱାରା ଅବଦମିତ ହୋଇ ରହିଥିଲା, ତାହା ସ୍ୱପ୍ନରେ ଉନ୍ମୁକ୍ତ ହୋଇଗଲା। ଏବେ ତୁମେ ମୋ ସେବାରୁ ବିରତ ହୋଇପାର। 'ଅପରାଧ କ୍ଷମା କରନ୍ତୁ' ବୋଲି କହି ଗୁରୁଙ୍କ ପାଦରେ ଲୋଟିପଡିଲା ଶିଷ୍ୟ ଜଣଙ୍କ। ପାଠକେ, ଆମର ସ୍ୱପ୍ନାବସ୍ଥା ହିଁ 'ମନ'ର ସ୍ୱଚ୍ଛତା ମାପକ ଏକ ଯନ୍ତ୍ର। କ୍ଷୀର କ୍ଷୀର–ପାଣି ପାଣି ପରି ସ୍ୱପ୍ନରୁ ଜଣାପଡେ ଆମ ମନ ଭିତରେ କ'ଣ ଅଛି ?

ଗୋସ୍ୱାମୀ ତୁଳସୀ ଦାସଙ୍କୁ ପଚରାଗଲା–ମହାରାଜ, ଏ ସଂସାରରେ ଶ୍ରେଷ୍ଠ ମଣିଷ କିଏ ? ଆଚ୍ଛା,ଆମକୁ ଯଦି ଏଇ ପ୍ରଶ୍ନ ପଚରାଯାଏ ତେବେ ଆମେ ଉତର ଦେବା ଯେ, ଯେଉଁ ମଣିଷ ପର ନାରୀ ଚାହେଁ ନାହିଁ, ପର ଦ୍ରବ୍ୟ ଅପହରଣ କରେ ନାହିଁ ସେ ହିଁ ଶ୍ରେଷ୍ଠ ମଣିଷ। କିନ୍ତୁ ଦେଖନ୍ତୁ, ତୁଳସୀ ଦାସ କି ଉତର ଦେଲେ। ତୁଳସୀ କହିଲେ:–ମୋହି ଅତିଶୟ ପ୍ରତିଟି ମନ କେରି ଯେହିଂ ସପନ ହୁଁ ପର ନାରୀ ନ ହେରି ଅର୍ଥାତ ଏ ସଂସାରରେ ସେ ହିଁ ଉତମ ପୁରୁଷ ଯିଏ ଜାଗ୍ରତ ଅବସ୍ଥା ତ ଦୂରର କଥା ସପନରେ ବି ପର ନାରୀ କଥା ଆଦୌ ଚିନ୍ତା କରୁ ନଥିବ। ପୁଣି ତୁଳସୀଙ୍କୁ ପଚରାଗଲା– ଜଣେ ପତିବ୍ରତା ନାରୀର ଲକ୍ଷଣ କ'ଣ ? *(ଆଲୋଚନା ଆରଥରକୁ)*

*–'ଦିବ୍ୟାଲୋକ ସନ୍ଧାନେ', ତେଲେଙ୍ଗାପେଣ୍ଠ, କଟକ*

(ପ୍ରଚ୍ଛଦପ୍ରସଙ୍ଗର ଅବଶିଷ୍ଟାଂଶ)

## ଆଶାର...

କିନ୍ତୁ ମତେ ବହୁତ ହାଲିଆ ଲାଗିବାକୁ ଲାଗିଲା। ସେହି ସମୟରେ ଆମେ ରୋଟାରୀ କନଭେନସନ୍‌ରେ ଯୋଗ ଦେବାକୁ ଆମେରିକା ଯାଇଥାଉ। ସେଠି ମୁଁ ଏତେ ଦୁର୍ବଳ ହେଇଗଲି ଯେ, ଆଦୌ ଚାଲିପାରିଲିନି। ଫେରିବା ପରେ ମୋ ବାମପଟ ତଳି ପେଟରେ ବହୁତ ଯନ୍ତ୍ରଣା ହେଲା। ପେନ୍ କିଲର୍ ଖାଇ ବି କମିଲାନି। ଯଦିଓ ଆଗରୁ ବି ଅଳ୍ପ ଅଳ୍ପ କାଟୁଥିଲା। କିନ୍ତୁ ସେତେବେଳେ ଯନ୍ତ୍ରଣା ଅସହ୍ୟ ହୋଇଯାଇଥିଲା। ମୁଁ ଜଣେ ଚିହ୍ନା ଡକ୍ଟରଙ୍କ ସହ କଥା ହେଲି। ସେ କହିଲେ ଅଲ୍ଟ୍ରାସାଉଣ୍ଡ କରାଅ। ଅଲ୍ଟ୍ରାସାଉଣ୍ଡ କରିବା ପରେ ରିପୋର୍ଟକୁ ମୁମ୍ବାଇ ପଠାଗଲା। ଆଉ ଜଣାପଡିଲା ଯେ, ମତେ 'ଆକ୍ୟୁଟ୍ ମାଏଲୟଡ୍ ଲ୍ୟୁକୋମିଆ' ହେଇଛି। ଏହା ହେଉଛି ବ୍ଲଡ ଓ ବୋନ୍‌ମ୍ୟାରୋ କ୍ୟାନ୍ସର। ପରେ ମୋ ରିପୋର୍ଟ ନେଇ ସ୍ୱାମୀ ବମ୍ବେ ଗଲେ ଓ ପ୍ରସିଦ୍ଧ ଅଙ୍କୋଲୋଜିଷ୍ଟ ଡା. ଆଡଭାନୀଙ୍କୁ ଦେଖେଇଲେ। ସେ କହିଲେ ବୋନମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ ହେବ। ଏଥିରେ ପ୍ରାୟ ୪୦–୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏତେ ଟଙ୍କା ଖର୍ଚ୍ଚ କରିବାକୁ ମୁଁ ଚାହିଁ ନ ଥିଲି। ମେଡିସିନ୍‌ରେ ଚିକିତ୍ସିତ ହେବାକୁ ନିଷ୍ପତ୍ତି ନେଲି। ଡାକ୍ତର କହିଲେ ୧୧–୧୨ ମାସ ବଞ୍ଚିବି। ସେତେବେଳେ ମୋ ଭିନ୍ନକ୍ଷମ ପୁଅ(ପାଳିତ) ଯେ କି ଦୃଷ୍ଟିହୀନ ସହ ପକ୍ଷାଘାତର ଶିକାର, ତାକୁ ମାତ୍ର ୨ ବର୍ଷ ବୟସ ହୋଇଥାଏ। ମୁଁ ଯତ୍ନ ନ ନେଇପାରିବାରୁ ତା' ନିଜ ବାପାମା'ଙ୍କୁ ପାଖକୁ ନେଇ ଆସିଲି। ଭିନ୍ନକ୍ଷମ ପୁଅର ଯତ୍ନ ନେବା ପାଇଁ ନେଇଥିବା ସ୍ୱତନ୍ତ୍ର ତାଲିମ୍ ତା' ମା'କୁ ଶିଖେଇଲି। ଫିଜିଓଥେରାପୀ ବି ଶିଖେଇଲି। ଏପଟେ ଚିକିତ୍ସା ବି ଚାଲିଥାଏ। ଦୃଢମନୋବଳ ନେଇ ସଂଘର୍ଷ କରିଚାଲିଲି। ଆଉ ୟା' ମଧ୍ୟରେ ୧୧ ବର୍ଷ ବିତିଗଲାଣି। ରୋଗ ସହ ଜିଇବା ଏବେ ମୁଁ ଶିଖିଯାଇଛି। ହେଲେ କେବେ ରୋଗକୁ ଲୁଚାଇ ନାହିଁ। ସବୁବେଳେ ଖୋଲାଖୋଲି ଏ ସମ୍ପର୍କରେ କହେ ଓ ନିଜର ଉଦାହରଣ ଦିଏ। ମତେ ଦେଖି ଅନେକେ ଭାବନ୍ତି,'ସେ ଯଦି ଏତେ ବର୍ଷ ରୋଗ ସହ ଲଢିପାରିଛନ୍ତି ତ ଆମେ କାହିଁକି ଭାଙ୍ଗି ପଡିବୁ। ଆମେ ବି ଏହି ରୋଗ ସହ ଲଢିପାରିବୁ।' ଆଉ ସଂକଳ୍ପ କରିଛି ଯେତେଦିନ ବଞ୍ଚିବି ଅନ୍ୟକୁ ସାହାଯ୍ୟ କରିଚାଲିବି। ଅପରେସନ୍‌ରେ ଟଙ୍କା ଖର୍ଚ୍ଚ ନ କରି ତାକୁ ଅନ୍ୟଙ୍କୁ ସାହାଯ୍ୟ କରିବାରେ ଖର୍ଚ୍ଚ କରିପାରୁଛି ଭାବି ଅନେକ ସମୟରେ ଆତ୍ମସନ୍ତୋଷ ମିଳେ। ମୋ ନଜରକୁ ଯିଏବି ଅସହାୟ ବ୍ୟକ୍ତି ଆସନ୍ତି ତାଙ୍କୁ ଯେମିତି ହେଲେ ସାହାଯ୍ୟ କରିବାକୁ ଚେଷ୍ଟା କରେ। ଏସିଡ ଆଟାକ୍‌ର ଶିକାର ହୋଇଥିବା ପ୍ରମୋଦିନୀ ରାଉଳଙ୍କ ଗୋଟିଏ ଆଖିର ସର୍ଜରି ପାଇଁ ୮୦ ହଜାର ଟଙ୍କା ଦରକାର ଥିଲା। ମୁଁ ତାଙ୍କୁ ୫୦,୦୦୦ ଟଙ୍କା ଦେବା ସହ ରୋଟାରୀ କ୍ଲବର ସଦସ୍ୟଙ୍କୁ ନିବେଦନ କରି ସର୍ବମୋଟ ୯୦,୦୦୦ ଟଙ୍କା ଦେଇଥିଲୁ। ଅପରେସନ୍ ପରେ ସେ ଦେଖିବାରେ ସକ୍ଷମ ହେଲେ। ଆଉ ମୋତେ ଦେଖା କରିବାକୁ ବି ଆସିଥିଲେ। ସେହିଭଳି ଗରିବ ମେଧାବୀ ଛାତ୍ରୀଙ୍କ ପଢାଖର୍ଚ୍ଚ ବହନ ସହ ମେଧାବୃତ୍ତି ବି ଦେଉଛି। ମୋ ପକ୍ଷରେ ଯାହା କରିପାରିବି ତାହା କରିଚାଲିବି।'

**ଅନ୍ୟ ମୁହଁରେ ଖୁସି ବାଣ୍ଟିବା ଏବେ ମୋ ଜୀବନର ଲକ୍ଷ୍ୟ:** ସବୁ ସକାଳକୁ ସେ ନୂଆ କରି ଜିଅନ୍ତି। ଦିନଟି ହସଖୁସିରେ କଟିଯାଉ ସେଥିପାଇଁ ପ୍ରୟାସ କରନ୍ତି। କାରଣ ନିଜ ଲୋକଙ୍କ ମୁହଁରେ ଟେନାଏ ହସ ଦେଖିଦେଲେ ତାଙ୍କର ଦିନ ଭଲରେ କଟିଯାଏ। ସେଇଥିପାଇଁ ତ କର୍ମଜୀବୀ ପତ୍ନୀଙ୍କ ଛୁଟିଦିନରେ ନିଜେ ସକାଳ ଚା' ତିଆରି କରି ସିଟି ବଜେଇ ବଜେଇ ସ୍ତ୍ରୀଙ୍କ ପାଖକୁ ଆସନ୍ତି। ଆଉ ସପ୍ତାହ ଶେଷରେ ଏଭଳିଭାବେ ମର୍ଣ୍ଣିଂ ଟି' ପାଇ ସୁନ୍ଦର ହସଟିଏ ଖେଳିଯାଏ ତାଙ୍କ



ନିଜ ବଗିଚାରେ ଭବାନୀ ଶଙ୍କର ପାଣି

ପତ୍ନୀଙ୍କ ଚେହେରାରେ। ସବୁ ସୁଖଦୁଃଖରେ ସାଥ୍ ଦେଇଥିବା ମଣିଷଟିକୁ ଖୁସିରେ ଦେଖିଦେଲେ ଜିଇବାର ସାହସ ଜୁଟେ ବୋଲି କହନ୍ତି, ପ୍ରୋଷ୍ଟେଟ୍ କ୍ୟାନ୍ସରରେ ପୀଡିତ ଭବାନୀ ଶଙ୍କର ପାଣି। ବର୍ତମାନ ଭୁବନେଶ୍ୱରର ଆଇଆର୍‌ସି ଭିଲେଜ୍‌ରେ ରହୁଥିବା ଭବାନୀଶଙ୍କର ଦିନେ ନାଲ୍‌କୋରେ ଡିଜିଏମ୍ ପ୍ରୋଜେକ୍ଟସ ଭାବେ କାର୍ଯ୍ୟରତ ଥିଲେ। ପରେ ସେ ଭଲ୍ୟୁଣ୍ଟାରୀ ରିଟାୟରମେଣ୍ଟ ନେଇ ନିଜର ବ୍ୟବସାୟ ପ୍ରୋଜେକ୍ଟ ଇଞ୍ଜିନିୟରିଂ କନ୍‌ସଲଟାନ୍ସି ଆରମ୍ଭ କରିଥିଲେ। ତା'ସହ ୟୁନିଭର୍ସିଟିରେ ପିଲାଙ୍କୁ ବି ପଢାଉଥିଲେ। ପୁଅ ବୋହୂ ଆମେରିକାରେ ରୁହନ୍ତି। ଭବାନୀ ଶଙ୍କର କହନ୍ତି, 'ସବୁକିଛି ଠିକ୍ ଚାଲିଥିଲା। ହେଲେ ଦେଢ ବର୍ଷ ତଳେ ରେଗୁଲାର ଚେକଅପ୍‌ର ରିପୋର୍ଟ ଦେଖି ଡକ୍ଟର କହିଲେ ମୋର ଇଏସ୍‌ଏ ରିପୋର୍ଟ ତିନି ବର୍ଷହେବ ହାଇ ରହୁଛି। ତେଣୁ ଭଲରେ ଚେକ୍ ଅପ୍ କରିବାକୁ ହେବ। ସେଥିପାଇଁ ମୁଁ ଆମ୍‌ରିରେ ଟେଷ୍ଟ କରେଇଲି। ହେଲେ ସେଠି କିଛି ଜଣାପଡିଲା ନାହିଁ। ଏମ୍‌ସରେ ଟେଷ୍ଟ କରେଇଲି। ସେଠି ପ୍ରୋଷ୍ଟେଟ୍‌ରେ ବାୟୋପ୍ସି କରାଇବାକୁ କହିଲେ। ୧୦–୧୫ ଦିନ ପରେ ରିପୋର୍ଟ ଆସିଲା। ଆଉ ଜଣାପଡିଲା ମୋର ପ୍ରୋଷ୍ଟେଟ୍ କ୍ୟାନ୍ସର ଅଛି। ସେ ପୁଣି ତୃତୀୟ ଷ୍ଟେଜ କ୍ରସ୍ କଲାଣି। ସେତେବେଳେ ମତେ ବୟସ ୬୯। ମନ କଷ୍ଟ ହେଉଥାଏ। ଡର ବି ଲାଗୁଥାଏ। ଏମ୍ସର ଅଙ୍କୋଲୋଜି ଟିମ୍ ପରାମର୍ଶ ଦେଲେ ବାଙ୍ଗାଲୋରରେ ଚିକିତ୍ସା କରାଇବାକୁ। ଆଉ ନିଜେ ସେଠାକାର ଡକ୍ଟରଙ୍କ ସହ କଥାହୋଇ ଡେଟ୍ ଫିକ୍ସ କରିଦେଲେ। ଆମେ ବାଙ୍ଗାଲୋର ଗଲୁ। ସେଠି ଜଣେ ଯୁବ ଡାକ୍ତର ଥିଲେ। ସେ ମୋ ଦୁଃଖଭରା ମୁହଁ ଦେଖି କହିଲେ, 'ମୁହଁ ଏମିତି ଲମ୍ବା କାହିଁକି ହେଇଯାଇଛି। ଭଗବାନଙ୍କୁ ଧନ୍ୟବାଦ ଦେବାକଥା ଯେ, ଏତେ ବର୍ଷ ଆପଣ ନୀରୋଗ ଓ ଖୁସିର ଜୀବନ ବିତେଇଛନ୍ତି, ଯାହା କି ବହୁତ କମ୍ ଲୋକଙ୍କ ଭାଗ୍ୟରେ ଥାଏ। ଆଉ ରହିଲା ରୋଗ କଥା, ତାହା ମୋ ଉପରେ ଛାଡିଦିଅନ୍ତୁ।' ତାଙ୍କ ମେଣ୍ଟାଲ୍ ସପୋର୍ଟ ମତେ ଜିଇବାର ନୂଆ ରାହା ଦେଲା। ପ୍ରଥମ ଷ୍ଟେଜ୍‌ର ଟ୍ରିଟମେଣ୍ଟ ବହୁତ କଷ୍ଟଦାୟକ ଥିଲା। ଦେଢ ମାସର ଚିକିତ୍ସା ପରେ ଭୁବନେଶ୍ୱର ଆସିଲୁ। ଏମ୍‌ସରେ ଟ୍ରିଟମେଣ୍ଟ ଚାଲିଛି। ହେଲେ ମନରେ ନା ଦୁଃଖ ଅଛି ନା ଭୟ। କାରଣ ମୁଁ ଯଦି ଚିନ୍ତା ଓ ଦୁଃଖରେ ରହିବି ପରିବାର ଲୋକେ ଭାଙ୍ଗିପଡିବେ। ତେଣୁ ମୁଁ ମୋର ଅଧିକାଂଶ ସମୟ ବଗିଚା କାମରେ ବିତାଉଛି। ମୋ ବଗିଚାରେ ୭୦ ପ୍ରକାରରୁ ଊର୍ଦ୍ଧ୍ୱ ପ୍ରକାରର ଫୁଲ ଗଛ ଅଛି। ଏହାବାଦ୍ ଲେଖାଲେଖିରେ ବି ବ୍ୟସ୍ତ ରହୁଛି। ଇଂଲିଶ ଭାଷାରେ ମୋର ବହି ପ୍ରକାଶ ପାଇଛି। ନେଟ୍‌ଫ୍ଲିକ୍ସରେ ଫିଲ୍ମ ବି ଦେଖୁଛି। ତା'ଛଡା ଏବେ ମୁଁ ଅନ୍ୟ କ୍ୟାନ୍ସର ପୀଡିତଙ୍କୁ ଦେଖିଲେ ସେମାନଙ୍କ ମନର ଭୟ ଦୂର କରି ହସ ଫୁଟାଇବାକୁ ଚେଷ୍ଟା କରୁଛି। ତା'ସହ ଯିଏବି ସାହାଯ୍ୟ ଚାହାନ୍ତି ତାଙ୍କୁ ସାହାଯ୍ୟ କରୁଛି।

**–ଶିବାନୀ ମହାନ୍ତି**

# ନଭେମ୍ବରକୁ ଅପେକ୍ଷା


ଶ୍ରଦ୍ଧା

ଶ୍ରଦ୍ଧା କପୁର ଏବେ ଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କେମିତି ନଭେମ୍ବର ଦ୍ୱିତୀୟ ସପ୍ତାହ ହେବ ଆଉ ତାଙ୍କ ନୂଆ ସିନେମାର ଶୁଟିଂ ଆରମ୍ଭ ହେବ। ଲଭ୍ ରଞ୍ଜନଙ୍କ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ଖାସ କଥା ହେଲା ଏହି ଚିତ୍ରର ମେଲ ଲିଡ୍‌ରେ ଅଭିନୟ କରିବେ ରଣବୀର କପୁର। ଏହି ଫିଲ୍ମ ସମ୍ପର୍କରେ ଶ୍ରଦ୍ଧା କହନ୍ତି, 'ମୁଁ ଯେତେବେଳେ ଏହି ଅଫରଟି ପାଇଲି ଏବଂ ଏହାର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକାକୁ ଭଲ ଭାବରେ ବିଶ୍ଳେଷଣ କଲି ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। କେବଳ ଅପେକ୍ଷା ଫିଲ୍ମର ଶୁଟିଂକୁ। ଅନ୍ୟପକ୍ଷରେ ରଣବୀର କପୁରଙ୍କ ପରି ଜଣେ ଭଲ ଅଭିନେତାଙ୍କ ଅପୋଜିଟ୍‌ରେ ମୁଁ ଅଭିନୟ କରିବି, ଯାହା ମୋ ପାଇଁ ବଡ ସୌଭାଗ୍ୟର କଥା।' ଫିଲ୍ମଟିର ଶୁଟିଂ ଚଳିତ ବର୍ଷ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ବମ୍ବେରେ ଆରମ୍ଭ ହେବ। ତେବେ ଏହି ସିନେମାଟି ଶ୍ରଦ୍ଧାଙ୍କ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# କାହାଣୀ ଖୋଜୁଛନ୍ତି କରୀନା

ନିକଟରେ କରୀନା କପୁର ନିଜର ଚାଳିଶତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ନିଜକୁ ଏକ ନୂଆ କାମରେ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି? କରୀନା ଏବେ ଗୋଟିଏ ଜିନିଷ ଖୋଜୁଛନ୍ତି। ତାହା ହେଲା କାହାଣୀ। ଅର୍ଥାତ ଏକ ଆକ୍ସନ ପ୍ୟାକ ଫିଲ୍ମରେ ଆକ୍ଟିଂ କରିବାକୁ ସେ ମନ ବଳାଇଛନ୍ତି। ପୁଣି ଏହି ଫିଲ୍ମର ପ୍ରଯୋଜନା କରିବେ କରୀନାଙ୍କ ପତିଦେବ ସୈଫ ଅଲି ଖାଁ। ତେଣୁ ଏହାର କାହାଣୀ ଚୟନ ଦାୟିତ୍ୱ ନିଜେ କରିନା ନେଇଛନ୍ତି। ଏ ସମ୍ପର୍କରେ କରୀନା କହନ୍ତି, 'ଏହି ନୂଆ ସିନେମା ପାଇଁ ଏକ ଦମ୍‌ଦାର କାହାଣୀ ସନ୍ଧାନରେ ରହିଛି। ବିଶେଷଭାବରେ ଜଣେ ମହିଳାର ସଂଘର୍ଷମୟ ଜୀବନୀ ଉପରେ କାହାଣୀଟିଏ ମିଳିଲେ ଭଲ। ପୁଣି ଏଥିରେ ଆକ୍ସନ ରହିଥିବ। ତେଣୁ ସେପରି ଏକ କାହାଣୀ ଦାୟିତ୍ୱ ନେବା ପରେ ମୁଁ ମୋ କାମରେ ଲାଗିପଡିଛି। ମୋର ଆଶା ସେପରି ଏକ କାହାଣୀ ନିଶ୍ଚୟ ମିଳିଯିବ।' କରୀନାଙ୍କ କାହାଣୀ ମିଶନ କିପରି ଶେଷ ହେଉଛି ତାହା ଆଗାମୀ ସମୟ ହିଁ କହିବ।


କରୀନା

# ନୀରବତା ଅନ୍ତରାଳେ

କ୍ରିତି ସାନନ୍ ଏବେ ଅଧିକାଂଶ ସମୟ ନିରବ ରହୁଛନ୍ତି। ଅତି ଆବଶ୍ୟକ ପଡ଼ିଲେ କଥା ହେଉଛନ୍ତି। ନିକଟରେ ତାଙ୍କର ଜଣେ ଜ୍ୟୋତିଷଙ୍କ ସହ ଭେଟ ହୋଇଥିଲା। ସେ କୁଆଡେ କ୍ରିତିଙ୍କୁ ଅଧିକ କଥା ନ ହେବାକୁ ପରାମର୍ଶ ଦେଇଥିଲେ, ଯାହାକୁ ସେ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ଏ ସମ୍ପର୍କରେ କ୍ରିତି କହନ୍ତି, 'ଏ କଥା ସତ ଯେ ମୁଁ ଏଇ କିଛି ଦିନ ହେଲା ଅଧିକ କଥା ହେଉନାହିଁ। ଏପରି କଲେ ତା'ର ଭଲ ପ୍ରଭାବ ମୋ କ୍ୟାରିୟର ଉପରେ ପଡିବ ବୋଲି ମୋର ଦୃଢ ବିଶ୍ୱାସ ରହିଛି। କେବଳ ଅଳ୍ପ କହିବା ନୁହେଁ, ମୋ କ୍ୟାରିୟର ପାଇଁ ଜ୍ୟୋତିଷ ମହାଶୟ ମୋତେ ଆଉ କେତେକ ଉପଦେଶ ଦେଇଛନ୍ତି, ସେଗୁଡିକୁ ମଧ୍ୟ ମୁଁ ପାଳନ କରୁଛି। ଅବଶ୍ୟ କିଛି ଦିନ ମୋତେ ଏପରି କରିବାକୁ ପଡ଼ିବ।' ତେବେ ଏହାର କି ପ୍ରକାର ପ୍ରଭାବ କ୍ରିତିଙ୍କ ଆକ୍ଟିଂ କ୍ୟାରିୟର ଉପରେ ପଡୁଛି ତାହା ଆଗକୁ ଜଣା ପଡିବ।' ତାଙ୍କ ହାତରେ ଏବେ ଗୋଟିଏ ସିନେମା ରହିଛି, ଯାହାର ଟାଇଟଲ୍ ହେଲା 'ବଚ୍ଚନ ପାଣ୍ଡେ'। ଏହି ଫିଲ୍ମରେ ସେ ଅକ୍ଷୟ କୁମାରଙ୍କ ନାୟିକା ସାଜିଛନ୍ତି।


କ୍ରିତି

# ସମୟାନୁବର୍ତ୍ତି ଅକ୍ଷୟ

ଖିଲାଡି ମାଷ୍ଟର ଅକ୍ଷୟ କୁମାର ଏବେ 'ବେଲ୍ ବଟମ୍' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ଶୁଟିଂ ବର୍ତ୍ତମାନ ବିଦେଶରେ ଚାଲିଛି। ଫିଲ୍ମଟିର ଶୁଟିଂ କେମିତି ଶୀଘ୍ର ଶେଷ ହେବ ସେ ନେଇ ଅକ୍ଷୟ ଦିନ ରାତି ଏକାଠି କରିଦେଇଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ଶୁଟିଂ ସେଟ୍‌ରେ ପହଞ୍ଚି ସବୁ ବୁଝାସୁଝା କରୁଛନ୍ତି। ତା'ସହ ଶୁଟିଂ ବ୍ରେକ ସମୟରେ ୟୁନିଟ୍ ସଦସ୍ୟଙ୍କ ସହ ଥଟ୍ଟା ମଜା କରୁଛନ୍ତି। ଏ ନେଇ ଅକ୍ଷୟ କହନ୍ତି, 'ବର୍ତ୍ତମାନ ଫିଲ୍ମର ଶୁଟିଂ ଫୁଲ ସ୍ପିଡ୍‌ରେ ପୁଣି ଡବଲ ସିଫ୍ଟରେ ଚାଲିଛି। ଖୁବ ଶୀଘ୍ର ଶୁଟିଂ ଶେଷ ହେବା ପରେ ପୋଷ୍ଟ ପ୍ରଡକ୍ସନ କାମ ଆରମ୍ଭ ହେବ।' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଜ୍ୟାକି ଭଗ୍ନାନି ଏବଂ ନିର୍ଦ୍ଦେଶନା ଦେଉଛନ୍ତି ରଞ୍ଜିତ ଏମ. ତିୱାରୀ। ଅକ୍ଷୟଙ୍କ ବ୍ୟତୀତ ଏହି ଫିଲ୍ମରେ ବାଣୀ କପୁର, ଲାରା ଦତ୍ତା, ହୁମା କୁରେସି ମଧ୍ୟ ଅଭିନୟ କରୁଛନ୍ତି।





ଶାନ୍ଭି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ମୀରା ବାଈ

ସ୍ତ୍ରୀ- ମୁଁ ସବୁଦିନ ଶ୍ରୀକୃଷ୍ଣଙ୍କୁ ପୂଜା କରୁଛି। କେଉଁଦିନ କେଜାଣି ଟିକେ ଦର୍ଶନ ଦେବେ ?
ସ୍ୱାମୀ- ଯେଉଁଦିନ ତୁମେ ମୀରା ବାଈ ସାଜି ବିଷପାନ କରିବ, ସେଇଦିନ...

## ଗଜଲ

ଯୁବକ ଜଣେ ଯୁବତୀଙ୍କୁ ଦେଖି: ଶବ୍ଦ ତୋର, ଗୀତ ମୋର ଗଜଲ ଗୋଟେ ଗାଇବି କି ?
ଯୁବତୀ-ହାତ ମୋର, ଗାଲ ତୋର କାନ ମୂଳରେ ବଜେଇବି କି ?

## ସଫଳ

ପୁଅ ମା'କୁ- ମୁଁ ସଫଳ ହେବାକୁ ଚାହୁଁଛି କ'ଣ କରିବି।
ମା'- ପ୍ରଥମେ ଗୋଟେ ପଥର ଆଣେ। ଆଉ ଏଇ ମୋବାଇଲକୁ ଭାଙ୍ଗି ଚୂର୍ମାର୍ କରେ। ତା'ପରେ ଯାଇ ସଫଳ ହେବୁ।



# ବସା ଲେଉଟାଣି

–ଚନ୍ଦନ କୁମାର ଦାସ

ନୀରବତାର ନୀଡରେ
ଆଶାର ଚଂଚୁ ଫିଟାଇ
କୁନି ଚଢେଇଟା
କଅଁଳ କିରଣର ଅପେକ୍ଷାରେ ..
ସତେକି ସେ ପିଇଯିବ
ସୂର୍ଯ୍ୟ ଦେହରୁ ସବୁତକ ଉତ୍ତାପ !!!
ଆଖିରେ ତା' ଅନନ୍ତ ସଲୀଳର ସଜଳତା
ଦେହେ ତା'ର ଅମାପ ପ୍ରୀତିର ଉଷ୍ମତା
ଖୁସିରେ ବାରି ପାରେନା ସେ
ଏ ଗୋଟେ ଅନନ୍ୟ ସକାଳ,
ଅବା ବସା ଲେଉଟାଣି ବେଳ !

–ଭୋଗରାଇ, ବାଲେଶ୍ୱର
ମୋ–୮୧୧୪୩୪୫୯୮୮

# ବାପା

–ଅଲେଖ ଚନ୍ଦ୍ର ମିଶ୍ର

ପୁଅକୁ ମନ ଦୁଃଖରେ ଘରକୁ ଆସୁଥିବାର ଦେଖି ପଚାରିଲେ ବାପା, ଇଣ୍ଟରଭ୍ୟୁରେ ଭଲ ହେଲାନି କିରେ? ଏମିତି କାହିଁକି ମୁହଁ ଶୁଖେଇଛୁ? ଉଦାସୀନ ଭାବରେ ଉତ୍ତର ଦେଲା ପୁଅ, ଇଣ୍ଟରଭ୍ୟୁ ସହିତ ଚାକିରିର ସମ୍ପର୍କ କ'ଣ? ସେଇଟା ଖାଲି ଲୋକ ଦେଖାଣିଆ। ବାପାର ପୋଜିସନ ଅନୁଯାୟୀ ହିଁ ପୁଅକୁ ଚାକିରି ମିଳେ। ଦୁଇମାସ ପରେ ପୁଅକୁ ଚାକିରି ମିଳିଗଲା। କିନ୍ତୁ ତା' ବଦଳରେ ସ୍ୱେଚ୍ଛାକୃତ (ଅକର୍ମଣ୍ୟ) ଅବସର ନେଇ ବାପାଙ୍କୁ ପାଞ୍ଚ ବର୍ଷର ଚାକିରି ହରେଇବାକୁ ପଡିଲା। କିଛି ଦିନପରେ ପୁଅ ମୁହଁରେ ପୁଣି ଦୁଃଖର ଆଭାସ ଦେଖି ପଚାରିଲେ ବାପା, ଚାକିରି ତ ପାଇଲୁ। ପୁଣି ଦୁଃଖ କାହିଁକି ?

ଦୁଃଖ ଏଥିପାଇଁ ଯେ ଏତେ କମ୍ ଦରମାରେ ଘର କେମିତି ଚଳିବ? ଅଧା ଦରମା ତ ଘର ଭଡା ପାଇଁ ଚାଲିଯିବ। ତିନି ମାସ ପରେ ନିଜର କ୍ୱାର୍ଟର୍ସଟିକୁ ପୁଅ ନାଆଁରେ କରେଇଦେଲେ ବାପା। ଏଥର ଖୁସି ତ ? ଆଗ୍ରହରେ ପଚାରିଲେ ବାପା। ଖୁସି ତ ହେବାର କଥା। କିନ୍ତୁ ଗୋଟିଏ ସମସ୍ୟାରେ ପଡିଯାଇଛି, ଥଙ୍ଗେଇ ଥଙ୍ଗେଇ କହିଲା ପୁଅ, ଆମ ଅଫିସର ଲେଡି ପିଅନର ଝିଅକୁ ମୁଁ ବାହା ହେବାକୁ ଚାହୁଁଛି। ହେଲେ ସେ ଅନ୍ୟ ଜାତିର। ତୁମେ କ'ଣ ରାଜି ହେବ ? ମୋ ରାଜି ଅରାଜିରେ କ'ଣ ଅଛି ? ତୁ ରାଜି ତ ? ତତେ ଯାହା ଭଲ ଲାଗୁଛି କର। ସେୟା ହେଲା। ବେଶ କିଛି ଦିନର ବ୍ୟବଧାନରେ ପୁଅର ଉଦାସୀନତା ଦେଖି ବାପା ପଚାରିଲେ, ପୁଣି କ'ଣ ହେଲା ? ସବୁ ତ ପାଇଲୁ।

ନା, ସବୁ ମିଳିଲା କେଉଁଠି ? ଗାଁରେ ଆମ ଘର ଡିହ, ବାଡି ବଗିଚା ଜମି ସବୁ ଭୂତ ଖାଉଛି। ଅଥଚ ମୁଁ ଏଠି ବ୍ୟାଗଟିଏ ଧରି ଡାଲି, ଚାଉଳ, ପନିପରିବା ପାଇଁ ବଜାରକୁ ଧାଇଁ ଧାଇଁ ନୟାନ୍ତ। ଧନହାନି, ପ୍ରାଣପୀଡା। ମୁଁ କ'ଣ କହୁଥିଲି କି ......

ଆଉ କହିବା ଦରକାର ନାହିଁ। ବାକି ତକ ମୁଁ ବୁଝି ପାରୁଛି। ଯଥାଶୀଘ୍ର ଗାଁକୁ ଚାଲିଗଲେ ବାପା। ଏଣିକି ପୁଅ ମୁହଁରେ କାନ୍ଦ ଦେଖିବାକୁ କେହି ନ ଥିଲେ।

*–ସାରଦାଶ୍ରୀ ୯୦୪, ଶାସ୍ତ୍ରୀନଗର,*
*ୟୁନିଟ୍ ୪, ଭୁବନେଶ୍ୱର,*
*ମୋ: ୯୪୩୮୬୭୩୮୯୮*



# ମୁଠାଏ ପାଉଁଶ

–ଦିଲିପ କୁମାର ତ୍ରିପାଠୀ

ପ୍ରେମବୋଲି ଭାବି ହେଲି
ହର୍ଷିତ ମନା
ଅଥୟପାଦ ମୋର କଲା
ଛୁଇଁବାକୁ, ଧରାକୁ ମନା।

ପ୍ରଥମ ଭେଟି ପ୍ରେମର ଭାବିଲି
ହାୟ ! ମୁଁ କି ଥିଲି ଭୋଳା
ଥିଲା ସେ କାଗଜ ଫୁଲ
ଆଉ ଅତର ବୋଳା।

ତଥାପି, କାଗଜ ଫୁଲେ କଲି
ସ୍ୱପ୍ନ ଅନ୍ୱେଷଣ,
ସପନ ବି ଦେଖାଇଲା କି ରାତି କି ଦିନ
କିନ୍ତୁ ଆଜି ଏକି ହେଲା ?
ନାହିଁ ତ ସପନ !
ମନମନ୍ଦିର ମୋ କୋଣାର୍କ ସଦୃଶ
ଜୀର୍ଣ୍ଣଶୀର୍ଣ୍ଣ ଆଉ ଭଗ୍ନ।

ହେଲାକି ପ୍ରେମ ଶେଷ !
ହେଲାକି ପ୍ରେମ ଶେଷ ବୋଲି
ମୁଠାଖୋଲି ଦେଖିଲା ବେଳକୁ
ଥିଲା ମୁଠାଏ ପାଉଁଶ।

*–ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ, ମୋ–୯୭୭୮୧୦୬୧୦୫*












ବ୍ୟାକ୍ ପେଜ୍

# ଏଠି ସବୁକିଛି ଚକୋଲେଟ୍‌ମୟ

ପୃଥିବୀରେ ଅନେକ ଅଜବ ସଂଗ୍ରହାଳୟ ରହିଛି। ସେମିତି ଏକ ସଂଗ୍ରହାଳୟ ଅଛି ସୁଇଜରଲାଣ୍ଡରେ। ଏହି ସଂଗ୍ରହାଳୟକୁ ଚକୋଲେଟ୍ ପ୍ରେମୀଙ୍କ ପାଇଁ ସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏ ହେଉଛି ଚକୋଲେଟ୍ ସଂଗ୍ରହାଳୟ। ୬୫୦୦୦ ବର୍ଗ ଫୁଟ୍ ଅଞ୍ଚଳରେ ବ୍ୟାପ୍ତ ଉକ୍ତ ସଂଗ୍ରହାଳୟର ନାମ ହେଉଛି ଲିଣ୍ଟ ହୋମ୍ ଅଫ୍ ଚକୋଲେଟ୍। ଏହା ମଧ୍ୟକୁ ପ୍ରବେଶ କରିବାମାତ୍ରେ ସବୁ ଜିନିଷ ଚକୋଲେଟ୍‌ରେ ତିଆରି ହୋଇଥିବା ଦେଖିପାରିବେ। ତେବେ ଏହାର ମୁଖ୍ୟ ଆକର୍ଷଣ ହେଉଛି ଏଠାରେ ଥିବା ପୃଥିବୀର ସବୁଠାରୁ ବଡ଼ ଚକୋଲେଟ୍ ଫାଉଣ୍ଟେନ୍। ଯାହାକି ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଅଟେ। ଏହି ଫାଉଣ୍ଟେନ୍‌ରୁ ତରଳ ଚକୋଲେଟ୍ ଅନବରତ ପ୍ରବାହ ହୋଇଥାଏ। ଏଠାରେ ପୃଥିବୀର ସବୁଠାରୁ ବଡ଼ ଚକୋଲେଟ୍ ଶପ୍ ବି ଅଛି। ତାଛଡା ଏଠାରେ ଥିବା ଚକୋଲେଟାରୀୟାରେ ପର୍ଯ୍ୟଟକଙ୍କୁ ନିଜ ହାତରେ ଚକୋଲେଟ୍ ତିଆରି କରିବାର ସୁଯୋଗ ଦିଆଯାଇଥାଏ। ଯାହାକି ଏକ ଅନନ୍ୟ ଅନୁଭୂତି ଅଟେ।

## କାର୍ଟୁନ କର୍ନର

